## ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର,

## ମୁଖ୍ୟ ବିଭାଗ କାର୍ଯ୍ୟାଳୟ ୟୁନିଟ୍- ୫

****

### ରାଜ୍ୟ ହସ୍ତଶିଳ୍ପ ପୁରସ୍କାର -୨୦୨୦

ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର "ରାଜ୍ୟ ହସ୍ତଶିଳ୍ପ ପୁରସ୍କାର" ଓ ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପ୍ରଦାନ କରି ଆସୁଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୦ ବର୍ଷ ନିମନ୍ତେ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି ।

ଯୋଗ୍ୟତା : ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ ଗୋଟି ହସ୍ତଶିଳ୍ପ ଅନ୍ତର୍ଗତ ୧୮ ବର୍ଷରୁ ଉର୍ଦ୍ଧ ଯେକୌଣସି ହସ୍ତଶିଳ୍ପ କାରିଗର ଆବେଦନ କରିପାରିବେ ।

**<u>ଆବେଦନ ପ୍ରଣାଳୀ</u>**

**<u>ରାଜ୍ୟ ହସ୍ତଶିଳ୍ପ ପୁରସ୍କାର (State Handicraft Awards)</u>**

ଇଚ୍ଛୁକ ହସ୍ତଶିଳ୍ପୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର କଳାକୃତିର ନମୁନା, ତତ୍‌ସମ୍ବନ୍ଧୀୟ ସମସ୍ତ ପ୍ରମାଣ ପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8"x 10") ର ଦୁଇକିତା ନକଲ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ତା ୨୫.୧୦.୨୦୨୧ ରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ । ଅସମ୍ପୂର୍ଣ୍ଣ ଥିବା ଅବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

ପୁରସ୍କାର ରାଶି : ଟ.୫୦,୦୦୦/- ଙ୍କା ସହିତ ପ୍ରମାଣ ପତ୍ର ।

**<u>ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର (Life Time Achievement Award)</u>**

ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପ ବିକାଶରେ ଅନବଦ୍ୟ ଅବଦାନପାଇଁ "ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର" ପ୍ରଦାନ କରାଯିବା ପାଇଁ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀମାନଙ୍କ ଠାରୁ ୨୦୨୦ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱନ କରାଯାଉ ଅଛି । ଏହି ପୁରସ୍କାର ପାଇଁ ଯୋଗ୍ୟ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ସମ୍ପୁର୍ଣ୍ଣ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ ର କାର୍ଯ୍ୟାଳୟରେ ତା.୨୫.୧୦.୨୦୨୧ ରିଖ ମଧ୍ୟରେ ଆବେଦନ କରପାରିବେ ।

**ପୁରସ୍କାର ରାଶି :୫,୦୦,୦୦୦/- ଙ୍କା ସହିତ ମାନପତ୍ର ।**

**ବିଦ୍ର.** ଉପରୋକ୍ତ ଉଭୟ ପୁରସ୍କାର ଯୋଜନାରେ ଅଂଶ ଗ୍ରହଣପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଙ୍କର କାର୍ଯ୍ୟାଳୟରୁ ମିଳିପାରିବ ।

ସ୍ୱା

ନିର୍ଦ୍ଦେଶକ,

ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା